# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**31 August– 2026**

## ସ୍ୱାୟତ୍ତ ଶାସନ ଦିବସ

ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ଜନସାଧାରଣଙ୍କ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଜନସାଧାରଣଙ୍କୁ କ୍ଷମତା ପ୍ରଦାନ କରିବା ନେଇ ଆଜି ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଉଛି । ୧୯୯୨ ମସିହାରେ ପଞ୍ଚାୟତରାଜ ବ୍ୟବସ୍ଥା ଦ୍ୱାରା ସ୍ୱାୟତ୍ତ ଶାସନ ଆରମ୍ଭ ହୋଇଥିଲା। ସ୍ୱାୟତ୍ତ ଶାସନ ଦିବସ ଅବସରରେ ରାଜ୍ୟର ବିଭିନ୍ନ ପୌରାଞ୍ଚଳରେ ଲୋକମାନଙ୍କର କ୍ଷମତା ଓ ଅଧିକାର ସମ୍ବନ୍ଧରେ ସଚେତନ କରାଇବା ନେଇ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ରାଜ୍ୟସ୍ତରୀୟ ସମାରୋହରେ ଯୋଗଦେବେ । ଏହି ଅବସରରେ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ଶ୍ରୀ ମାଝୀ ଶିଳାନ୍ୟାସ ଓ ଲୋକାର୍ପଣ କରିବାର କାର୍ଯ୍ୟସୂଚୀ ରହିଛି ।

## ସିଏମ୍‌ସି ୧୫୦ ବର୍ଷ ପୂର୍ତ୍ତି

କଟକ ମହାନଗର ନିଗମର ଦେଢ଼ଶହ ବର୍ଷ ପୂର୍ତ୍ତି ଉପଲକ୍ଷେ ସହିଦଭବନଠାରେ ତିନିଦିନ ବ୍ୟାପୀ ସ୍ୱାୟତ୍ତ ଶାସନ ଦିବସ ସମାରୋହ ଅନୁଷ୍ଠିତ ହେଉଛି । ଦ୍ୱିତୀୟ ଦିନରେ ଗତକାଲି ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଡକ୍ଟର ଅରଜିତ୍ ପଶାୟତ, ସାଂସଦ ଭର୍ତ୍ତୃହରି ମହତାବ

ଏବଂ ବିଧାୟକ ସୌଭିକ ବିଶ୍ୱାଳ ପ୍ରମୁଖ ଯୋଗଦେଇ କଟକର ଭାଇଚାରା ସଂସ୍କୃତି ଉପରେ ଆଲୋକପାତ କରିଥିଲେ । ମହାନଗର ନିଗମ ପକ୍ଷରୁ ଗତକାଲି ବିଭିନ୍ନ ସ୍ଥାନରେ ୧୧କୋଟି ୭୪ ଲକ୍ଷ ଟଙ୍କା ବ୍ୟୟରେ ୨୨ଟି ପ୍ରକଳ୍ପର ଶିଳାନ୍ୟାସ ଉଦ୍‌ଘାଟନ କରାଯାଇଛି ।

କଟକ, ପୁରୀ, ଭୁବନେଶ୍ୱର ଓ ପାରାଦ୍ୱୀପକୁ ନେଇ ଏକ ବୃହତ୍ ସହରାଞ୍ଚଳ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପନା ସମ୍ପର୍କରେ ସାଂସଦ ଶ୍ରୀ ମହତାବ ଏହି ଅବସରରେ ସୂଚନା ପ୍ରଦାନ କରିଛନ୍ତି ।

## ‘ସମ୍ବନ୍ଧ’ର ଶୁଭାରମ୍ଭ

ରାଜ୍ୟରେ ସମବାୟ କ୍ଷେତ୍ରର ସମ୍ପ୍ରସାରଣ ଲକ୍ଷ୍ୟ ନେଇ ଆସନ୍ତାକାଲି ମେଗା ସଦସ୍ୟତା ଅଭିଯାନ ‘ସମ୍ବନ୍ଧ’ର ଶୁଭାରମ୍ଭ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅଭିଯାନର ଶୁଭାରମ୍ଭ କରିବେ। ଏଥିସହ ମୁଖ୍ୟମନ୍ତ୍ରୀ ୨୦ଟି ଦୁଗ୍ଧ ସଂଗ୍ରହ କେନ୍ଦ୍ର, ୫୦ଟି କୃଷି ସେବା କେନ୍ଦ୍ର, ୪୬ଟି ଖାଉଟି କେନ୍ଦ୍ର ଏବଂ ୨୦୦ଟି ଜନସେବା କେନ୍ଦ୍ରର ମଧ୍ୟ ଉଦ୍‌ଘାଟନ କରିବା ସହ ୩ଟି ଗୋଦାମର ଭିତ୍ତିପ୍ରସ୍ତର ସ୍ଥାପନ କରିବେ।

# ମୁଖ୍ୟ ଶାସନ ସଚିବ–ପରିଦର୍ଶନ

ଖୋର୍ଦ୍ଧା ଜିଲ୍ଲା କାଳିବେଟୀ ଏବଂ ମୁଦାମ୍ବା ଶିଳ୍ପାଞ୍ଚଳ ଗତକାଲି ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡ୍‌କୋ ଅଧ୍ୟକ୍ଷ ଉଷା ପାଢ଼ୀ ପରିଦର୍ଶନ କରିଛନ୍ତି । ସେଠାରେ ଜାରି ରହିଥିବା ବିକାଶମୂଳକ ପ୍ରକଳ୍ପ ତଥା ଶିଳ୍ପାଞ୍ଚଳର କାର୍ଯ୍ୟଦକ୍ଷତା ସମ୍ପର୍କରେ ସମୀକ୍ଷା

କରିଛନ୍ତି । କ୍ଷେତ୍ରସ୍ତରୀୟ ସମସ୍ୟା ଗୁଡ଼ିକର ତ୍ୱରିତ ସମାଧାନ ସହ ସମୟସୀମା ମଧ୍ୟରେ ନିର୍ମାଣକାର୍ଯ୍ୟ ଶେଷ କରିବାକୁ ଶ୍ରୀମତୀ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି । ସ୍ଥାୟୀ ଜଳ ପରିଚାଳନା ଏବଂ ମହିଳା ଶ୍ରମିକଙ୍କ ପାଇଁ ନିରାପଦ ସାର୍ବଜନୀନ ପରିବହନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଛନ୍ତି ।

## ଚିଲିକା-ସମୀକ୍ଷା ବୈଠକ

ଚିଲିକା ନିର୍ବାଚନ ମଣ୍ଡଳୀର ଉଚ୍ଚବିଦ୍ୟାଳୟ ଗୁଡ଼ିକରେ ଗୁଣାତ୍ମକ ଶିକ୍ଷାର ପ୍ରସାର ଏବଂ ଶତପ୍ରତିଶତ ପାସ୍ ହାରକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷା ବ୍ୟବସ୍ଥା, ଉପସ୍ଥାନ, ଗୁଣବତ୍ତାସମ୍ପନ୍ନ ପାଠପଢ଼ା, ପରୀକ୍ଷା ପ୍ରସ୍ତୁତି ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଛି ।

## ରତ୍ନଭଣ୍ଡାର ଗଣତିମଣତି

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତି ପୁଣିଥରେ ଆଜିଠାରୁ ଆରମ୍ଭ ହେବ । ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ ଦୁଇଦିନ ଧରି  ଗଣତିମଣତି ଚାଲିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଏହି ପ୍ରକ୍ରିୟା ଜାରି ରହିଥିବାବେଳେ ଶ୍ରୀଜୀଉଙ୍କ ନୀତିକାନ୍ତି ଯଥାରୀତି ଜାରି ରହିବ । ତେବେ ଅପରାହ୍ଣ ୪ଟାରୁ ସଂଧ୍ୟାଧୂପ ଶେଷ ପର୍ଯ୍ୟନ୍ତ ଭିତର କାଠରୁ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ସୂଚନା ଦେଇଛି ।

## ନୂଆଖାଇ-ଲଗ୍ନଧାର୍ଯ୍ୟ

ପଶ୍ଚିମ ଓଡ଼ିଶା କୃଷିଭିତ୍ତିକ ଗଣପର୍ବ ପାଳନ ନେଇ ଲଗ୍ନ ଧାର୍ଯ୍ୟ ହୋଇଛି । ନୂଆପଡ଼ା ଜିଲ୍ଲା ଖଡିଆଳ ଦରବାର ହଲ୍‌ଠାରେ ଆୟୋଜିତ ବୈଠକରେ ଖଡିଆଳ ରାଜା ଦେବଦେବ ସିଦ୍ଦେଙ୍କ ଉପସ୍ଥିତିରେ ଲଗ୍ନ ସ୍ଥିର କରାଯାଇଛି । ଆସନ୍ତା ମାସ ୧୫ ତାରିଖ, ଭାଦ୍ରବ ମାସ ପଞ୍ଚମୀ ତିଥିରେ ପୂର୍ବାହ୍ନ ୯ଟା ୫ ମିନିଟ୍‌ରୁ ୧୦ଟା ମଧ୍ୟରେ ନବାନ୍ନ ଭକ୍ଷଣ ସମୟଧାର୍ଯ୍ୟ ହୋଇଛି ।

## ବନ୍ୟା ଅଞ୍ଚଳ ଗସ୍ତ

ନବରଙ୍ଗପୁର ଜିଲ୍ଲାର ଚନ୍ଦାହାଣ୍ଡି ବ୍ଲକ ବନ୍ୟା ପ୍ରଭାବିତ ଅଞ୍ଚଳକୁ ସାଂସଦ ବଳଭଦ୍ର ମାଝି ଗତକାଲି ଗସ୍ତ କରିଥିଲେ । ପ୍ରଭାବିତ ଲୋକଙ୍କ ସହ ପରିସ୍ଥିତି ନେଇ ଆଲୋଚନା କରିଛନ୍ତି । କ୍ଷୟକ୍ଷତି ଆକଳନ ପରେ କ୍ଷତି ପ୍ରଦାନ କରାଯିବ ବୋଲି କହିଛନ୍ତି । ଲଗାଣ ବର୍ଷା ଯୋଗୁଁ ଭଣ୍ଡାର ନଦୀ, ବରୀ ନଦୀ, ଏବଂ ତେଲ୍ ନଦୀରେ ବନ୍ୟା ଆସିଥିଲା ।

## ପାଣିପାଗ

ଉତ୍ତର ବଙ୍ଗୋପସାଗର, ସଂଲଗ୍ନ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଉପକୂଳରେ ସୃଷ୍ଟ ଲଘୁଚାପ କ୍ରମଶଃ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରୁଛି । ପାଣିପାଗ ବିଭାଗ ଦେଇଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ଘଣ୍ଟା ମଧ୍ୟରେ ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ ଏବଂ ବରଗଡ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ । ଆସନ୍ତା ୪୮ଘଣ୍ଟା

ପର୍ଯ୍ୟନ୍ତ ରାଜ୍ୟର ପ୍ରାୟ ସମସ୍ତ ଅଞ୍ଚଳରେ ବର୍ଷାର ସମ୍ଭାବନା ରହିଛି । ଗତକାଲି ରାଜ୍ୟସାରା ବର୍ଷା ହୋଇଛି । ବାଲେଶ୍ୱର ରାଜଘାଟଠାରେ ସର୍ବାଧିକ ୧୫୬ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ସକାଳ ୬ଟା ସୁଦ୍ଧା ୬୨୫ ଦଶମିକ ୦/୪ ଫୁଟ ରହିଥିଲା । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୧ଲକ୍ଷ ୨୫ହଜାର ୪୭୬ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୮ଟି ସ୍ଲୁଇସ୍ ଗେଟ୍‌ଦେଇ ୧ ଲକ୍ଷ ୬୩ହଜାର ୫୯୧ ଘନଫୁଟ ଜଳ ନିଷ୍କାସିତ ହେଉଥିଲା ।